# India-USA Consultations on UN Security Council Issues

August 03, 2022

## ମିଳିତ ଜାତିସଂଘ ସୁରକ୍ଷା ପରିଷଦ ପ୍ରସଙ୍ଗ ଉପରେ ଭାରତ-ଆମେରିକା ମଧ୍ୟରେ ବିଚାର ବିମର୍ଷ

**ଅଗଷ୍ଟ** 03, 2022

ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ଏବଂ ଅନ୍ୟାନ୍ୟ ବହୁପକ୍ଷୀୟ ପ୍ରସଙ୍ଗ ଉପରେ ଭାରତ ଏବଂ ଆମେରିକା ମଧ୍ୟରେ 03 ଅଗଷ୍ଟ 2022 ରେ ନୂଆଦିଲ୍ଲୀରେ ବିଚାର ବିମର୍ଷ ଅନୁଷ୍ଠିତ ହୋଇଯାଇଛି।

2. ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଜାତିସଂଘ-ରାଜନୈତିକ) ଶ୍ରୀ ପ୍ରକାଶ ଗୁପ୍ତା ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ଏହି ଦଳରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ଆମେରିକା ଓ ୟୁଏନଇଏସ ବିଭାଗର ଅଧିକାରୀମାନେ ସାମିଲ ଥିଲେ। ଆମେରିକାର ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ବୈଦେଶିକ ବ୍ୟାପାର ବିଭାଗର ଆନ୍ତର୍ଜାତିକ ସଂଗଠନ ବ୍ୟାପାର ପାଇଁ ସହକାରୀ ରାଷ୍ଟ୍ର ସଚିବ ରାଷ୍ଟ୍ରଦୂତ ମିଚେଲେ ଜେ ସିସନ ଯେଉଁଥିରେ ନୂଆଦିଲ୍ଲୀରେ ଥିବା ଆମେରିକା ଦୂତାବାସର ଅନ୍ୟ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

3. ଭାରତ-ଆମେରିକାର ବିସ୍ତୃତ ବୈଶ୍ୱିକ ରଣନୀତିକ ଭାଗିଦାରୀକୁ ଦୃଷ୍ଟିରେ ରଖି ଜାତିସଂଘ ସୁରକ୍ଷା ପରିଷଦ ଏଜେଣ୍ଡାରେ ବିଭିନ୍ନ ବିଷୟବସ୍ତୁ ତଥା ବିଭିନ୍ନ ଦେଶର ପ୍ରସଙ୍ଗ ଉପରେ ଉଭୟ ପକ୍ଷ ଗଭୀର ଭାବେ ମତ ବିନିମୟ କରିଥିଲେ। ଆତଙ୍କବାଦର ମୁକାବିଲା ଓ ଜାତିସଂଘର ଶାନ୍ତି ରକ୍ଷା ସମେତ ପାରସ୍ପରିକ ସ୍ୱାର୍ଥ ପ୍ରସଙ୍ଗରେ ଜାରି ରହିଥିବା ସହଯୋଗକୁ ଜାରି ରଖିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ। ମିଳିତ ଜାତିସଂଘ ସାଧାରଣ ପରିଷଦର 77 ତମ ଅଧିବେଶନରେ ଉଭୟ ପକ୍ଷର ପ୍ରାଥମିକତା ଉପରେ ଆଲୋଚନା ହୋଇଥିଲା। ଭାରତୀୟ ଦଳ ଡିସେମ୍ବର 2022 ରେ ୟୁଏନଏସସିର ଅଧକ୍ଷତା ସମୟରେ ନିଜର ପ୍ରାଥମିକତା ବିଷୟରେ ଆମେରିକାର ପ୍ରତିନିଧି ଦଳକୁ ଅବଗତ କରିଥିଲେ।

4. ଜାତିସଂଘର ଶାନ୍ତି ରକ୍ଷାକାରୀଙ୍କ ପାଇଁ ଭାରତ ଏବଂ ଆମେରିକାର ମିଳିତ ସହାୟତାରେ ଚାଲିଥିବା କାର୍ଯ୍ୟକ୍ରମଗୁଡିକ ସମେତ ଜାତିସଂଘ ଶାନ୍ତି ରକ୍ଷା କେନ୍ଦ୍ର (ସିୟୁଏନପିକେ) ଦ୍ୱାରା ଚାଲିଥିବା ତାଲିମ କାର୍ଯ୍ୟକ୍ରମ ଉପରେ ସିୟୁଏନପିକେର ବରିଷ୍ଠ ଅଧିକାରୀମାନେ ଆମେରିକାର ପ୍ରତିନିଧି ଦଳକୁ ସୂଚନା ଦେଇଥିଲେ।

**ନୂଆଦିଲ୍ଲୀ**

**ଅଗଷ୍ଟ** 03, 2022

DISCLAIMER: This is an approximate translation. The original is available in English on MEA's website and may be referred to as the official press release.